# NATIONAL NEWS BULLETIN (ODIA)
## 11 February-2025
### Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ୟୁନାନି ଦିବସ ଅବସରରେ ଦୁଇ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀକୁ ଆଜି ଉଦ୍‌ଘାଟନ କରିବେ ରାଷ୍ଟ୍ରପତି ।
- କୃତ୍ରିମ ବୁଦ୍ଧିମତ୍ତା ଶିଖର ସମ୍ମିଳନୀରେ ଆଜି ସହ-ଅଧ୍ୟକ୍ଷତା କରିବେ ପ୍ରଧାନମନ୍ତ୍ରୀ ।
- ବିଶ୍ୱବିଦ୍ୟାଳୟ ମାଧ୍ୟମରେ ଗୁଣାତ୍ମକ ଉଚ୍ଚଶିକ୍ଷା ସମ୍ପ୍ରସାରଣ ସମ୍ପର୍କିତ ନୀତି ଆୟୋଗ ରିପୋର୍ଟ ଉନ୍ମୋଚିତ ।
- ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ ହେବ ଇଣ୍ଡିଆ ଏନର୍ଜୀ ୱିକ୍‌ର ତୃତୀୟ ସଂସ୍କରଣ ।

ଏବଂ

- ଇଣ୍ଡିଆନ୍ ସୁପର ଲିଗ୍ ଫୁଟବଲ୍ ପ୍ରତିଯୋଗିତାରେ ପଞ୍ଜାବ ଏଫ୍.ସି. ଓ ଓଡ଼ିଶା ଏଫ୍.ସି. ମଧ୍ୟରେ ମ୍ୟାଚ୍ ଡ୍ର ।

## ପ୍ରେଜ୍-ୟୁନାନି ଡେ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ୟୁନାନି ଦିବସ ଅବସରରେ ଦୁଇ ଦିନିଆ ଆର୍ନ୍ତଜାତିକ ସମ୍ମିଳନୀକୁ ଉଦ୍‌ଘାଟନ କରିବେ ।

ପ୍ରଖ୍ୟାତ ୟୁନାନି ଚିକିତ୍ସକ, ଶିକ୍ଷକ ଏବଂ ସ୍ୱାଧୀନତା ସଂଗ୍ରାମୀ ହକିମ୍ ଅଜମଲ ଖାଁଙ୍କ ଜୟନ୍ତୀକୁ ପ୍ରତିବର୍ଷ ଫେବୃୟାରୀ ୧୧ ତାରିଖରେ ୟୁନାନି ଦିବସ ଭାବେ ପାଳନ କରାଯାଏ । ଆୟୁଷ ମନ୍ତ୍ରଣାଳୟ ଅଧୀନରେ ଥିବା ୟୁନାନି ଔଷଧ ଗବେଷଣା କେନ୍ଦ୍ରୀୟ ପରିଷଦ ଦ୍ୱାରା ଆୟୋଜିତ ହେଉଥିବା ଏହି ଦୁଇ ଦିନିଆ ସମ୍ମିଳନୀର ବିଷୟବସ୍ତୁ ରହିଛି – "ସମନ୍ୱିତ ସ୍ୱାସ୍ଥ୍ୟ ସମାଧାନ ପାଇଁ ୟୁନାନି ଔଷଧର ନୂତନତା – ଆଗକୁ ଯିବାର ବାଟ" । ବିଶ୍ୱ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ନିମନ୍ତେ ୟୁନାନି ଔଷଧର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋଚନା କରିବା ପାଇଁ ଏହି ସମ୍ମିଳନୀ ଏକ ସଫଳ ମଞ୍ଚ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି ।  ଏହି ଅବସରରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଉପସ୍ଥିତ ରହିବେ ।

## ପିଏମ୍-ଫ୍ରାନ୍ସ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱସ୍ତରୀୟ କୃତ୍ରିମ ବୁଦ୍ଧିମତ୍ତା ମାନକ ପ୍ରତିଷ୍ଠା ଏବଂ ଦାୟିତ୍ୱପୂର୍ଣ୍ଣ ଭାବେ ଏହାର ବ୍ୟବହାରକୁ ପ୍ରୋତ୍ସାହିତ କରିବା

ଉଦ୍ଦେଶ୍ୟରେ ଆଜି ଫ୍ରାନ୍ସରେ ଆୟୋଜିତ ହେବାକୁ ଥିବା ଶିଖର ସମ୍ମିଳନୀରେ ସହ-ଅଧ୍ୟକ୍ଷତା କରିବେ । ଭାରତ-ଫ୍ରାନ୍ସ ସମ୍ପର୍କକୁ ଆହୁରି ଦୃଢ଼ କରିବା ଲାଗି ମଧ୍ୟ ଆଲୋଚନା ସହ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି ।

ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫ୍ରାନ୍ସରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ସେଠାକାର ସଶସ୍ତ୍ର ବାହିନୀ ମନ୍ତ୍ରୀ ସେବାଷ୍ଟିୟାନ ଲେକୋର୍ଣ୍ଣୁ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିଥିବା ବେଳେ ପ୍ୟାରିସ୍‌ରେ ଥିବା ଭାରତୀୟ ସମୁଦାୟ ଶୁଭେଚ୍ଛା ଜଣାଇଥିଲେ । ପରେ ପ୍ରଧାନମନ୍ତ୍ରୀ କୃତ୍ରିମ ବୁଦ୍ଧିମତ୍ତା ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରୁଥିବା ନେତାମାନଙ୍କ ସହ ଫ୍ରାନ୍ସ ରାଷ୍ଟ୍ରପତିଙ୍କ ଦ୍ୱାରା ଆୟୋଜିତ ରାତ୍ରି ଭୋଜନରେ ଯୋଗଦେଇଥିଲେ । ରାତ୍ରି ଭୋଜନ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଆମେରିକାର ଉପରାଷ୍ଟ୍ରପତି ଜେ.ଡି. ଭାନ୍ସଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି ।

ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫ୍ରାନ୍ସରେ ଭାରତୀୟ ଦୂତାବାସକୁ ଉଦ୍‌ଘାଟନ କରିବେ । ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପର ଅର୍ଥନୈତିକ କରିଡ଼ରରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ପ୍ରଧାନମନ୍ତ୍ରୀ ଆନ୍ତର୍ଜାତିକ ଥର୍ମୋନ୍ୟୁକ୍ଲିୟର୍ ପରୀକ୍ଷଣ ରିଆକ୍ଟର ପ୍ରକଳ୍ପ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ଉଭୟ ଭାରତ ଏବଂ ଫ୍ରାନ୍ସର

ମିଳିତ ପ୍ରୟାସରେ ଏହା ଆରମ୍ଭ ହୋଇଛି । ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସହିଦ ହୋଇଥିବା ଭାରତୀୟ ସୈନିକମାନଙ୍କୁ ମଜାରଗସ୍ ଯୁଦ୍ଧ କବରସ୍ଥଳୀରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବେ ।

ଫ୍ରାନ୍ସ ଗସ୍ତ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ଆମେରିକା ଗସ୍ତରେ ଯିବାର କାର୍ଯ୍ୟସୂଚୀ ରହିଛି ।

## ନିତି ଆୟୋଗ ରିପୋର୍ଟ୍

ନୀତି ଆୟୋଗର ଉପାଧ୍ୟକ୍ଷ ସୁମନ ବେରି ଏବଂ ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ବି.ଭି.ଆର୍. ସୁବ୍ରମଣ୍ୟମ୍ ଏବଂ ସଦସ୍ୟ ଡକ୍ଟର ବିନୋଦ କୁମାର ପଲ୍ ରାଜ୍ୟ ଏବଂ ରାଜ୍ୟ ସରକାରଙ୍କ  ବିଶ୍ୱବିଦ୍ୟାଳୟ ମାଧ୍ୟମରେ ଗୁଣାତ୍ମକ ଉଚ୍ଚଶିକ୍ଷାର ସମ୍ପ୍ରସାରଣ ସମ୍ପର୍କିତ ରିପୋର୍ଟ ଉନ୍ମୋଚନ କରିଛନ୍ତି । ଏହି ରିପୋର୍ଟରେ ଥିବା ସୁପାରିଶ ଗୁଡ଼ିକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନ୍ତ୍ରଣାଳୟ ଗୁଡ଼ିକ କାର୍ଯ୍ୟକାରୀ କରିବେ ବୋଲି ଶ୍ରୀ ବେରୀ ଆଶା ବ୍ୟକ୍ତ କରିଛନ୍ତି । ଭାରତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ ଏବଂ ରାଜ୍ୟ ସରକାରଙ୍କ ବିଶ୍ୱବିଦ୍ୟାଳୟ ଗୁଡ଼ିକର ଗୁଣବତ୍ତା ବିକାଶ ପାଇଁ ଉଦ୍ୟମ କରିବାକୁ ସେ ଆହ୍ୱାନ ଦେଇଛନ୍ତି ।

ଅନ୍ୟ ପକ୍ଷରେ ନୀତି ଆୟୋଗର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବି.ଭି.ଆର୍. ସୁବ୍ରମଣ୍ୟମ୍ କହିଛନ୍ତି, ଜାତୀୟ ଶିକ୍ଷାନୀତି ୨୦୨୦ର ଲକ୍ଷ୍ୟ ହେଉଛି ୨୦୩୫ ସୁଦ୍ଧା ଉଚ୍ଚଶିକ୍ଷା ବ୍ୟବସ୍ଥାରେ ଛାତ୍ରଛାତ୍ରୀଙ୍କ ନାମ ଲେଖାକୁ ଦ୍ୱିଗୁଣିତ କରି ୯କୋଟିରେ ପହଞ୍ଚାଇବା । ଶ୍ରୀ ସୁବ୍ରମଣ୍ୟମ ଏହି ରିପୋର୍ଟକୁ ନୀତି ଆୟୋଗର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ବୋଲି ବର୍ଣ୍ଣନା କରିବା ସହ ଦେଶରେ ଉଚ୍ଚଶିକ୍ଷା ବ୍ୟବସ୍ଥାର ପରିବର୍ତ୍ତନରେ ଏହା ସହଯୋଗ କରିବ ବୋଲି କହିଛନ୍ତି ।

ଅନ୍ୟ ପକ୍ଷରେ ନୀତି ଆୟୋଗ ସଦସ୍ୟ ଡକ୍ଟର ବିନୋଦ କୁମାର ପଲ୍ ଏହି ରିପୋର୍ଟକୁ ନୂତନ ଶିକ୍ଷାନୀତିର କାର୍ଯ୍ୟକାରିତା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଗୁରୁତ୍ୱପୂର୍ଣ୍ଣ ଦିଗ ଭାବେ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି, ଦେଶରେ ମାନବ ସମ୍ବଳ ବୃଦ୍ଧି ଏବଂ ଭାରତକୁ ବିଶ୍ୱସ୍ତରୀୟ ଜ୍ଞାନ କେନ୍ଦ୍ରରେ ପରିଣତ କରିବା ଲାଗି ରାଜ୍ୟ ସରକାରଙ୍କ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ସଂସ୍କାର ଜରୁରୀ ।

## ଇଣ୍ଡିଆ ଏନର୍ଜୀ ୱିକ୍

ନୂଆଦିଲ୍ଲୀରେ ଆଜିଠାରୁ ଇଣ୍ଡିଆ ଏନର୍ଜୀ ୱିକ୍ ୨୦୨୫ ଆରମ୍ଭ ହେବ । ଏହା ତୃତୀୟ ସଂସ୍କରଣ ହେବ । ଗତକାଲି ଏ ସମ୍ପର୍କରେ ସୂଚନା ଦେଇ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ

କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ୪ ଦିନିଆ କାର୍ଯ୍ୟକ୍ରମକୁ ଆଭାସୀ ଜରିଆରେ ଉଦ୍‌ଘାଟନ କରିବେ । ଏଥିରେ  ମନ୍ତ୍ରୀ ଓ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକମାନେ ଅଂଶଗ୍ରହଣ କରିବା ସହ ପ୍ରଦର୍ଶନୀ ସ୍ଥାନ ଏବଂ ଅଧିବେଶନ ସଂଖ୍ୟା ଦୃଷ୍ଟିରୁ ଏହା ବିଶ୍ୱର ଦ୍ୱିତୀୟ ବୃହତ୍ତମ ଶକ୍ତି କାର୍ଯ୍ୟକ୍ରମ ହେବ ବୋଲି ସେ କହିଛନ୍ତି । ଶ୍ରୀ ପୁରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଦେଶର ସଫଳତାକୁ ବିଶ୍ୱ ସ୍ତରରେ ଗ୍ରହଣ କରିବା ପାଇଁ ଏହି କାର୍ଯ୍ୟକ୍ରମ ଏକ ମଡେଲ୍ ଭାବରେ ପ୍ରଦର୍ଶନ ହେବ ।

ସୂଚନା ଅନୁଯାୟୀ ଏଥିରେ କାନାଡ଼ା, ଜର୍ମାନ, ଜାପାନ, ଆମେରିକା ଓ ବ୍ରିଟେନ୍ ସମେତ ୧୦ଟି ଦେଶ ନିଜର ପାଭିଲିୟନ୍ ସ୍ଥାପନ କରିବେ ।

## ମହାକୁମ୍ଭ-ରେଳୱେ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମାଘୀ ପୂର୍ଣ୍ଣିମା ସ୍ନାନକୁ ଦୃଷ୍ଟିରେ ରଖି ପ୍ରୟାଗରାଜ ରେଳଷ୍ଟେସନର ସମସ୍ତ ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି । ନୂଆଦିଲ୍ଲୀଠାରେ ସାମ୍ବାଦିକମାନଙ୍କୁ ଶ୍ରୀ ବୈଷ୍ଣବ କହିଛନ୍ତି, ମହାକୁମ୍ଭ ନଗରୀର ୮ଟି ରେଳଷ୍ଟେସନରେ ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଶ୍ରଦ୍ଧାଳୁମାନଙ୍କ ସୁଗମ ଯାତ୍ରା ନିମନ୍ତେ ରେଳଷ୍ଟେସନ

ଗୁଡ଼ିକରେ  ରାଜ୍ୟ ସରକାରଙ୍କ ସହ ମିଶି କେନ୍ଦ୍ର ସରକାର ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରିଛନ୍ତି ।

ପ୍ରୟାଗରାଜ ଜଙ୍କ୍ସନ୍‌କୁ ବନ୍ଦ କରାଯାଇ ନାହିଁ । ଜିଲ୍ଲା ପ୍ରଶାସନର ସୂଚନା ଅନୁଯାୟୀ ପ୍ରୟାଗରାଜ ସଂଗମ ଷ୍ଟେସନକୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଯାତ୍ରୀମାନଙ୍କ ଯାତାୟାତ ନିମନ୍ତେ ବନ୍ଦ ରଖାଯିବ । ମହାକୁମ୍ଭ ମେଳାର ଅନ୍ୟ ୮ଟି ଷ୍ଟେସନରେ ଯାତ୍ରୀମାନଙ୍କ ନିମନ୍ତେ ନିୟମିତ ଏବଂ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ବ୍ୟବସ୍ଥା କରାଯାଇଥିବା ଶ୍ରୀ ବୈଷ୍ଣବ କହିଛନ୍ତି ।

## ଡ୍ରଗ୍ ସିଜର୍

୨୦୨୪ ମସିହାରେ ୨୫ ହଜାର କୋଟିରୁ ଅଧିକ ଟଙ୍କାର ନିଶାଦ୍ରବ୍ୟ ଜବତ ହୋଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୂଚନା ଦେଇଛି । ନିଶାଦ୍ରବ୍ୟ ବିରୋଧରେ ଶୂନ୍ୟ ସହନଶୀଳତା ନୀତି କାର୍ଯ୍ୟକାରୀ କରିବା କ୍ଷେତ୍ରରେ ସଫଳତା ମିଳିଥିବା ମନ୍ତ୍ରଣାଳୟ କହିଛି । ୨୦୨୩ରେ ୧୬ ହଜାର କୋଟି ଟଙ୍କାର ନିଶାଦ୍ରବ୍ୟ ଜବତ ହୋଇଥିବା ବେଳେ ୨୦୨୪ରେ ୫୫ ପ୍ରତିଶତ ଅଧିକ ନିଶାଦ୍ରବ୍ୟ ଜବତ କରାଯାଇଛି । ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସିନ୍ଥେଟିକ୍ ନିଶାଦ୍ରବ୍ୟ, କୋକେନ୍ ଏବଂ ସାଇକୋଟ୍ରୋପିକ୍ ପଦାର୍ଥ ଭାବରେ ବ୍ୟବହୃତ ଔଷଧୀୟ ନିଶାଦ୍ରବ୍ୟ ଅଧିକ ପରିମାଣରେ ଜବତ କରାଯାଇଛି ।

୨୦୨୩ରେ ଜବତ ହୋଇଥିବା କୋକେନ୍ ପରିମାଣ ୨୯୨ କିଲୋଗ୍ରାମ ଥିବାବେଳେ ୨୦୨୪ରେ ଏହା ୧ହଜାର ୪୨୬ କିଲୋଗ୍ରାମ୍‌କୁ ବୃଦ୍ଧି ପାଇଛି । ସେହିପରି ୨୦୨୩ରେ ୩୪ କ୍ୱିଣ୍ଟାଲ୍ ଗଞ୍ଜେଇ ଜବତ ହୋଇଥିବାବେଳେ ୨୦୨୪ରେ ଏହା ୬୧ କ୍ୱିଣ୍ଟାଲ୍‌କୁ ବୃଦ୍ଧି ପାଇଛି ।

## ଆଇଏସ୍ଏଲ୍-ଫୁଟବଲ୍

ଇଣ୍ଡିଆନ୍ ସୁପର ଲିଗ୍ ଫୁଟବଲ୍ ପ୍ରତିଯୋଗିତାରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଗତ ସନ୍ଧ୍ୟାରେ ପଞ୍ଜାବ ଏଫ୍.ସି. ଓ ଓଡ଼ିଶା ଏଫ୍.ସି. ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଅମିମାଂସିତ ରହିଛି । ଖେଳର ପ୍ରଥମାର୍ଦ୍ଧରେ ପଞ୍ଜାବ ଗୋଟିଏ ଗୋଲ୍ ଦେଇଥିବା ବେଳେ, ୫୧ତମ ମିନିଟ୍‌ରେ ଓଡ଼ିଶା ଗୋଟିଏ ଗୋଲ୍ କରିଥିଲା । ଏହି ପ୍ରତିଯୋଗିତାରେ ପଞ୍ଜବ ୧୯ଟି ମ୍ୟାଚ୍‌ରୁ ୨୪ ପଏଣ୍ଟ ହାସଲ କରି ନବମ ସ୍ଥାନରେ ଥିବା ବେଳେ ଓଡ଼ିଶା ୨୦ଟି ମ୍ୟାଚ୍‌ରୁ ୨୬ ପଏଣ୍ଟ ହାସଲ କରି ସପ୍ତମ ସ୍ଥାନରେ ଅଛି ।

ପରବର୍ତ୍ତୀ ମ୍ୟାଚ୍ ଆସନ୍ତା ୧୩ ତାରିଖ ଭାରତୀୟ ସମୟ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ମୁମ୍ବାଇ ସିଟି ଏବଂ ଗୋଆ ମଧ୍ୟରେ ଅନୁଷ୍ଠିତ ହେବ ।

# ଦିଲ୍ଲୀ ଓପନ୍ ଟେନିସ୍

ନୂଆଦିଲ୍ଲୀରେ ଚାଲିଥିବା ଓପନ୍ ଟେନିସ୍ ପ୍ରତିଯୋଗିତାରେ ଭାରତର କରନ୍ ସିଂହ ପ୍ରଥମ ରାଉଣ୍ଡରେ କାଜାଖସ୍ତାନର ଅଷ୍ଟମ ମାନ୍ୟତାପ୍ରାପ୍ତ ତିମୋଫି ସ୍କାଟୋଭଙ୍କ ଠାରୁ ୬-୪, ୬-୦ରେ ପରାସ୍ତ ହୋଇଛନ୍ତି । ଆଜି ଶୀର୍ଷ ମାନ୍ୟତାପ୍ରାପ୍ତ ଖେଳାଳି ମୁକୁନ୍ଦ ଶଶି କୁମାର ପ୍ରଥମ ରାଉଣ୍ଡରେ ଫ୍ରାନ୍ସର ସାଶ୍ଚା ଗୁଏମାଡ଼ ସହ ମୁକାବିଲା କରିବେ । ସେହିପରି ରାମ କୁମାର ରାମନାଥନ୍ ଓ ଡାଲିବୋର ଭାସିନାଙ୍କ ମଧ୍ୟରେ ମୁକାବିଲା ହେବ ।

ଡବଲ୍ସ ପ୍ରତିଯୋଗିତାରେ ଭାରତ-ଜିମ୍ବାୱେ ଯୋଡ଼ି ଚେକ୍ ଯୋଡ଼ିଙ୍କ ସହ ମୁକାବିଲା କରିବାକୁ ଥିବାବେଳେ ଭାରତୀୟ ଯୋଡ଼ି ରାମକୁମାର ରାମନାଥନ ଓ କରନ୍ ସିଂହ ପ୍ରଥମ ରାଉଣ୍ଡ ଡବଲ୍ସ ମ୍ୟାଚ୍‌ରେ ଜାପାନର ଶିନ୍ତାରୋ ମୋଚିଜୁକି ଓ କାଇଟୋ ଉସୁଗିଙ୍କ ମଧ୍ୟରେ ମୁକାବିଲା ହେବ ।

# ବ୍ୟାଡ୍‌ମିଣ୍ଟନ୍ ଏସିଆ ଚମ୍ପିୟାନ୍‌ସିପ୍

ବ୍ୟାଡ୍‌ମିଣ୍ଟନ୍‌ରେ ଏସିଆ ମିକ୍ସଡ୍ ଚମ୍ପିୟାନ୍‌ସିପ୍ ୨୦୨୫ ଆଜିଠାରୁ ଚୀନ୍‌ର କିଙ୍ଗ୍‌ଡାଓ ଠାରେ ଆରମ୍ଭ ହେବ । ଭାରତ ପକ୍ଷରୁ ଲକ୍ଷ୍ୟ ସେନ୍ ଓ ମାଳବିକା ବଂଶୋଦ ପ୍ରତିନିଧିତ୍ୱ କରିବେ । ଲକ୍ଷ୍ୟ ସେନ୍ ଓ ଏଚ୍.ଏସ୍.

ପ୍ରଣୟ ଭାରତୀୟ ପୁରୁଷ ସିଙ୍ଗଲ୍ସରେ ପ୍ରତିନିଧିତ୍ୱ କରିବେ । ଭାରତର ୨ ନମ୍ବର ଖେଳାଳି ମାଳବିକା ବଂଶୋଦ ମହିଳା ସିଙ୍ଗଲ୍ସରେ ପ୍ରତିନିଧିତ୍ୱ କରିବେ ବୋଲି ଜଣାପଡ଼ିଛି ।

ଅନ୍ୟ ପକ୍ଷରେ ପୁରୁଷ ଡବଲ୍ସରେ ଏସୀୟ କ୍ରୀଡ଼ା ବିଜେତା ସାତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ଏବଂ ଚିରାଗ୍ ସେଟ୍ଟୀ ଦାୟିତ୍ୱ ତୁଲାଇବେ । ସେହିଭଳି ମହିଳା ଡବଲ୍ସରେ ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କ ସହ ଅଶ୍ୱିନୀ ପୋନାପ୍ପା ଓ ତନିଶା କ୍ରାଷ୍ଟୋ ଭାରତର ପ୍ରତିନିଧିତ୍ୱ କରିବେ । ଏହି ପ୍ରତିଯୋଗିତାରେ ୧୨ଟି ଦଳ ଭାଗ ନେଉଛନ୍ତି ।